## ସଂକ୍ଷେପରେ

### ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ସନ୍ଦେହ

**ଭୋଗରାଇ,୨୭।୪(ଡି.ଏନ.ଏ.)**- ଭୋଗରାଇ ବ୍ଲକ କମର୍ଦ୍ଧା ଥାନା ଅଧିନ ଗୁଣସାର୍ଥା ଗ୍ରାମର ନଳିନୀ ଖଣ୍ଡା (୩୨) ନାମକ ଜଣେ ଯୁବକ ଶନିବାର ଚାଷଜମିରେ ଧାନ କାଟୁ ଥିବା ବେଳେ ହଠାତ୍ ଅଚେତ୍ ହୋଇପଡ଼ିଥିଲେ। ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କମର୍ଦ୍ଧା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ସୋସିଆଲ ମିଡିଆରେ ଫଟୋ ଭାଇରାଲ ଘଟଣା
### କଂଗ୍ରେସ ଛାଡ଼ିନାହାନ୍ତି ମାୟାଧର

**ରୂପ୍‌ସା,୨୭।୪(ଡି.ଏନ୍.ଏ.)**-ବାଲେଶ୍ୱର ସଦର ବ୍ଲକ କସିପଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ମାୟାଧର ଜେନା କଂଗ୍ରେସ ଛାଡ଼ିନାହାନ୍ତି ବୋଲି ଏକ ପ୍ରେସ୍ ବିବୃତିରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କିଛିଦିନ ହେବ ସୋସିଆଲ ମିଡ଼ିଆରେ ତାଙ୍କ ଫଟୋ ଭାଇରାଲ ହୋଇଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ ଫଟୋରେ ସେ ଭାଜପା ଟୋପି ଓ ପଦ୍ମଫୁଲ ଥିବା ଉତ୍ତରୀୟ ସଂଲଗ୍ନ କରାଯାଇ ସେ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଥିବା ନେଇ ଦେଖିବାକୁ ମିଳିଛି। ଏହାକୁ ସେ ଅସ୍ୱୀକାର କରିଛନ୍ତି। ପୂର୍ବତନ ସରପଞ୍ଚ ମାୟାଧର କଂଗ୍ରେସର ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିଆସୁଛନ୍ତି। ସେ ଏବେ କୃଷକ ଜାଗରଣ ସଂଘର ବ୍ଲକ ସଭାପତି ଦାୟିତ୍ୱରେ ଅଛନ୍ତି। ସୋସିଆଲ ମିଡିଆରେ ତାଙ୍କ ଫଟୋକୁ ଅନ୍ୟ ଦଳରେ ସାମିଲ କରାଯିବା ଘଟଣା ତାଙ୍କ ବିରୋଧରେ ଏକପ୍ରକାର ଚକ୍ରାନ୍ତ ବୋଲି ସେ କହିଛନ୍ତି।

### ଟ୍ରକକୁ ଧକ୍କା ଦେଲା ଡମ୍ପର, ଡ୍ରାଇଭର ଗୁରୁତର

**ବାହାନଗା,୨୭।୪(ଡି.ଏନ.ଏ.)**-ବାହାନଗା ବ୍ଲକ ୧୬ ନମ୍ବର ଜାତୀୟ ରାଜପଥ ବିପିସିଏଲ ପେଟ୍ରୋଲ ଟାଙ୍କି ନିକଟରେ ଶନିବାର ଅପରାହ୍ନରେ ବାଲେଶ୍ୱର ଆଡ଼କୁ ଯାଉଥିବା ଏକ ମାଲ୍ ବୋଝେଇ ଟ୍ରକ ପଛପଟକୁ ଏକ ପଥର ବୋଝେଇ ଡମ୍ପର ଧକ୍କା ଦେଇଥିଲା। ଫଳରେ ଡମ୍ପର ଡ୍ରାଇଭର ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଡମ୍ପର ଓ ଟ୍ରକ୍‌କୁ ଖନ୍ତାପଡା ଥାନା ପୋଲିସ ଜବତ କରିଛି। ଡମ୍ପର ଡ୍ରାଇଭର ହେଲେ ବେତନଟୀ ଅଞ୍ଚଳର ପ୍ରତାପ ବେହେରା (୬୦)।

### ବିଦ୍ୟୁତ ସଂସ୍ପର୍ଶରେ ମହିଳା ମୃତ

**ଖଇରା,୨୭।୪(ଡି.ଏନ.ଏ.)**-ଔପଦା ଥାନା ଅଧୀନ ଲୁଣିପଦା ଗ୍ରାମର ଝରଣା ଦାସ (୫୫) ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଘରେ ଚତୁର୍ଥ ପ୍ରହର ନାମଯଜ୍ଞ ଚାଲିଥିବା ବେଳେ ବିଦ୍ୟୁତ ତାରରେ ହାତ ବାଜିଯିବାରୁ ସେ ଗୁରୁତର ହୋଇପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଔପଦାରେ ସିପିଏମ୍‌ର ପଥପ୍ରାନ୍ତ ସଭା

**ଔପଦା,୨୭।୪(ଡି.ଏନ୍.ଏ.)**-ବାଲେଶ୍ୱର ଲୋକ ସଭା ଓ ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଔପଦା ବ୍ଲକ ସଦର ବଜାରରେ ଶୁକ୍ରବାର ସନ୍ଧ୍ୟାରେ ସିପିଏମ୍‌ର ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ସିପିଏମ୍‌ର ବରିଷ୍ଠ ନେତା ବସନ୍ତ ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସିପିଏମ୍ ରାଜ୍ୟ କମିଟି ସଭ୍ୟ ଚନ୍ଦ୍ରଶେଖର ନାୟକ, ସିପିଏମ୍ ଯୁବନେତା ଅଜୟ କୁମାର ପଟ୍ଟନାୟକ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଥିଲେ। ଆଗାମୀ ନିର୍ବାଚନରେ ସିପିଏମ୍ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେବା ସହ କଂଗ୍ରେସର ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ।

### ୨ ଚୋରା ମଦ ବେପାରୀ ଗିରଫ

**ନୀଳଗିରି,୨୭।୪(ଡି.ଏନ.ଏ.)**-ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ଥାନାର ବିଭିନ୍ନ ସ୍ଥାନରେ ଶନିବାର ଚଢ଼ାଉ କରାଯାଇ ୨ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୩୨ଲିଟର ଦେଶୀ ରନ୍ଧା ମହୁଲି ମଦ ଜବତ କରାଯାଇଛି। ଏନେଇ ବିଭାଗରେ ମାମଲା (ନଂ. ୨୨/୧୯ ଓ ୨୩/୧୯) ରୁଜୁ କରାଯାଇଛି। ଗିରଫ ବେପାରୀଙ୍କୁ ଅବକାରୀ ବିଭାଗ ସ୍ଥାନୀୟ କୋର୍ଟରେ ହାଜର କରିଛି।

# ପୋଲିଂ ବୁଥ୍‌କୁ ଗଲେ ଅଧିକାରୀ, କର୍ମଚାରୀ

**ବାଲେଶ୍ୱର ଅଫିସ, ୨୭।୪**

ରାଜ୍ୟର ୧୬ତମ ବିଧାନସଭା ନିର୍ବାଚନ ୨୦୧୯ର ଚତୁର୍ଥ ପର୍ଯ୍ୟାୟରେ ବାଲେଶ୍ୱର ଜିଲାରେ ୨୯ତାରିଖରେ ଅନୁଷ୍ଠିତ ହେବ। ଜିଲାର ୧୨ଟି ବ୍ଲକରେ ୧୮୮୭ଟି ପୋଲିଂ ବୁଥ୍ ମଧ୍ୟରୁ ୧୦୪ଟି ଅତିସମ୍ବେଦନଶୀଳ ବୁଥ୍ ଏବଂ ୨୭୫ଟି ସମ୍ବେଦନଶୀଳ ବୁଥ୍ ଥିବା ଜିଲା ପ୍ରଶାସନ ଚିହ୍ନଟ କରିଛି। ଜିଲା ପ୍ରଶାସନର ପୋଲିଂ ଅଧିକାରୀ ଓ କର୍ମଚାରୀମାନେ ଶନିବାର ପୂର୍ବାହ୍ନ ୮ଟାରେ ସ୍ଥିର ହୋଇଥିବା ଭୋଟ ଗ୍ରହଣ କେନ୍ଦ୍ରରେ ପହଞ୍ଚିଥିଲେ। ସେଠାରୁ ବୁଥ୍ ପାଇଁ ଇଭିଏମ୍ ମେଶିନ୍, ସମସ୍ତ ଭୋଟ୍ ସାମଗ୍ରୀ ଗ୍ରହଣ କରି ଅଧିଗ୍ରହଣ ଚାରିଚକିଆ ଯାନରେ ପୋଲିଂ ବୁଥ୍ କେନ୍ଦ୍ରକୁ ଯାଇଛନ୍ତି।

ଆସନ୍ତା ୨୯ତାରିଖ ସୋମବାର ହେବାକୁ ଥିବା ମତଦାନ ନିମନ୍ତେ ଜିଲା ପ୍ରଶାସନ ସମସ୍ତ କ୍ଷେତ୍ରରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ବସ୍ତା ଓ ବାଲେଶ୍ୱର ନିର୍ବାଚନମଣ୍ଡଳୀ ପାଇଁ ଉତ୍କଳ ବାଳାଶ୍ରମ, ଜଳେଶ୍ୱର ଓ ଭୋଗରାଇ ନିର୍ବାଚନମଣ୍ଡଳୀ ପାଇଁ ଖ୍ରୀଷ୍ଟିଆନ୍ ହାଇସ୍କୁଲ, ସୋର ଓ ରେମୁଣା ନିର୍ବାଚନମଣ୍ଡଳୀ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ, ସିମୁଳିଆ ନିର୍ବାଚନମଣ୍ଡଳୀ ପାଇଁ ବାଲେଶ୍ୱର ସରକାରୀ ଆଇଟିଆଇ, ନୀଳଗିରି ନିର୍ବାଚନମଣ୍ଡଳୀ ପାଇଁ ନୀଳଗିରି କେସି ହାଇସ୍କୁଲଠାରେ ବିତରଣ/ଗ୍ରହଣ କେନ୍ଦ୍ରରେ ପୋଲିଂ ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚିଥିଲେ। ସେଠାରୁ ନିର୍ଦ୍ଧାରିତ ପୋଲିଂ ବୁଥ୍‌କୁ ସମସ୍ତ ନିର୍ବାଚନ ପରିଚାଳନା ସାମଗ୍ରୀ ସଂଗ୍ରହ କରି ପହଞ୍ଚାଇଥିଲେ। ପ୍ରତି ବୁଥ୍‌ରେ ପ୍ରିଜାଇଡ଼ିଂ ଅଫିସରଙ୍କ ସମେତ ୫ଜଣ ପୋଲିଂ ଅଫିସର ଆବଶ୍ୟକ ଥିବାବେଳେ ପ୍ରଶାସନ ପକ୍ଷରୁ ୧୪ହଜାର ୫ଶହ କର୍ମଚାରୀଙ୍କୁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଇଛି। ୧୨୧ଜଣ ଅଣୁ ପର୍ଯ୍ୟବେକ୍ଷକ, ଫ୍ଲାଇଂ ସ୍କ୍ୱାଡ଼ ଷ୍ଟାଟିକ୍ ସର୍ଭିଲେନ୍ସ ଟିମ୍, ଭିଡ଼ିଓ ସର୍ଭିଲେନ୍ସ ଟିମ୍, ଭିଡଇଙ୍ଗ ଟିମ୍ ଶନିବାର ନିର୍ବାଚନ ପାଇଁ ଠିକଣା ସ୍ଥାନରେ ପହଞ୍ଚିଥିବାର ଜଣାପଡ଼ିଛି।



ବାଳାଶ୍ରମ ବୁଥ୍‌ରେ ପହଞ୍ଚିଥିବା ପୋଲିଂ ଅଧିକାରୀ ଓ କର୍ମଚାରୀ।

## ■ ସମସ୍ୟା ସମାଧାନ ହେଲାନି
# ଗ୍ରାମବାସୀଙ୍କ ଭୋଟ ବର୍ଜନ ଚେତାବନୀ

**ବାହାନଗା, ୨୭।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ କସପାଜୟପୁର ପଞ୍ଚାୟତର ଆଦିବାସୀ ସାହିରେ ବିଭିନ୍ନ ସମସ୍ୟା ସମାଧାନ ନ ହେବାରୁ ଗ୍ରାମବାସୀ ଆସନ୍ତା ୨୯ ତାରିଖରେ ଭୋଟ୍ ବର୍ଜନ କରିବା ପାଇଁ ଶନିବାର ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏହି ସାହିରେ ଗମନାଗମନ ସୁବିଧା ନ ଥିବାରୁ ୩୦ପରିବାରର ୧୨୦ ଭୋଟର ହଇରାଣ ହେଉଛନ୍ତି। ବର୍ଷା ଦିନରେ ଗର୍ଭବତୀଙ୍କୁ ଡାକ୍ତରଖାନା ନେବାରେ ଅସୁବିଧା, ପାନୀୟ ଜଳ ସୁବିଧା ନ ଥିବା, ଅଙ୍ଗନୱାଡି ସୁବିଧା ନ ଥିବାରୁ ବର୍ଷା ଦିନେ ଛୋଟ ପିଲାମାନେ ପାଠ ପଢିବା ପାଇଁ ସମସ୍ୟା ଭୋଗୁଛନ୍ତି। ଆଦିବାସୀମାନେ ସରକାରୀ ଜମିରେ ରହୁଥିବା ବେଳେ ସେମାନଙ୍କୁ ଜମିପଟା ଯୋଗାଇ ଦିଆଯାଇନାହିଁ। ଏସବୁ ମୌଳିକ ସମସ୍ୟା ୱାର୍ଡବାସିନ୍ଦା ଦୀର୍ଘଦିନ ଧରି ଭୋଗି ଆସୁଛନ୍ତି । ସେମାନଙ୍କ ଦାବି ନେତାମାନେ କର୍ଣ୍ଣପାତ କରୁ ନ ଥିବା ବେଳେ ପ୍ରଶାସନ ମଧ୍ୟ ନୀରବଦ୍ରଷ୍ଟା ପାଲଟିଛି। ଏହାର ପ୍ରତିବାଦ କରି ଗ୍ରାମବାସୀ ବିକ୍ଷୋଭ କରିବା ସହ ଭୋଟ ବର୍ଜନ କରିବାରେ ଧମକ ଦେଇଛନ୍ତି। ଗ୍ରାମର ଗୁରୁବାର ସିଂ, ଜ୍ୟୋତି ସିଂ, ମିନତୀ, ମାମା ସିଂ, ସଙ୍କରା ସିଂ, ତୁଫାନ ସିଂ, ଝୁମୁରୀ ସିଂ, ଜୟନ୍ତି ସିଂ, ମଲ୍ଲି ସିଂ ଏହାର ନେତୃତ୍ୱ ନେଇଛନ୍ତି।



ଗ୍ରାମବାସୀ ବୈଠକ କରି ସମସ୍ୟାର ସମାଧାନ ଲାଗି ଆଲୋଚନା କରୁଛନ୍ତି।

# ବଳାତ୍କାରୀଙ୍କୁ ୭ବର୍ଷ ଜେଲ୍

**ବାଲେଶ୍ୱର ଅଫିସ, ୨୭।୪**

ଏକ ବଳାତ୍କାର ମାମଲାର ବିଚାର କରି ଶନିବାର ବାଲେଶ୍ୱର ସ୍ୱତନ୍ତ୍ର ଜଜ୍ ପୋକ୍ସୋ ଅଦାଲତରେ ଜିଲା ଅତିରିକ୍ତ ଦୌରାଜଜ୍ କମ୍ ସ୍ପେଶାଲ ଜଜ୍ ଅଜନ୍ତା ଷଡ଼ଙ୍ଗୀ ଅଭିଯୁକ୍ତଙ୍କୁ ୭ବର୍ଷ ଜେଲଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ୩ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ରେମୁଣା ଥାନା ଅଞ୍ଚଳର ଜଣେ ୧୨ବର୍ଷର ନାବାଳିକା ନିଜର ମାମୁ ଘରେ ରହି ପାଠ ପଢୁଥିଲେ। ଗତ ୨୦୧୩ ଫେବୃୟାରୀ ୫ ତାରିଖ ସନ୍ଧ୍ୟାରେ ପରିବାର ଲୋକେ ଚାଷ କାମରେ ଅନ୍ୟ ଜଣକ ଘରକୁ ବଳଦ ଆଣିବାକୁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗ ନେଇ ଅନୀଲ ମଲ୍ଲିକ (୧୯) ନାବାଳିକାର ମୁହଁରେ ଗାମୁଛା ବାନ୍ଧି ପଡ଼ିଶା ଘର କୁଟାପୁଞ୍ଜି ନିକଟକୁ ନେଇଯାଇ ବଳାତ୍କାର କରିଥିଲେ। ତାଙ୍କ ମାଇଁ ମାମୁଁ ଘରକୁ ଫେରି ନାବାଳିକାଙ୍କୁ ନ ପାଇବାରୁ ଖୋଜାଖୋଜି କରି କିଛି ସମୟ ପରେ କୁଟାପୁଞ୍ଜି ନିକଟରେ ନାବାଳିକା ଜଣକ କାନ୍ଦୁଥିବା ଶୁଣି ତାଙ୍କୁ ଉଦ୍ଧାର କରିଥିଲେ। ନାବାଳିକାଙ୍କ ପ୍ରାଥମିକ ଚିକିତ୍ସା କରି ରେମୁଣା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏହି ମାମଲାର ବିଚାର କରି ଜଜ୍ ୧୪ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଏହି ରାୟ ଦେଇଛନ୍ତି।

# ହନୁମାନ ମନ୍ଦିର ପ୍ରତିଷ୍ଠା ସମାରୋହ

**ଖଇରା,୨୭।୪(ଡି.ଏନ.ଏ.)**–ଖଇରା ବ୍ଲକ ଅଧୀନ ସାରୁଗାଁରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ମହେନ୍ଦ୍ର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ୧୦୮କଳସଧାରୀଙ୍କ ଶୋଭାଯାତ୍ରା ଫଗୁଣା ଚନ୍ଦନ ପୋଖରୀରୁ ବାହାରି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲା । ପଣ୍ଡିତ ମୃତ୍ୟୁଞ୍ଜୟ ପଣ୍ଡା, ଜୟଦେବ ଦାଶ, ସୁରେନ୍ଦ୍ର ମିଶ୍ର, ନିରାକର ମିଶ୍ର, ଭକ୍ତବନ୍ଧୁ ରଥ, ସଞ୍ଜୟ ପଣ୍ଡା ପ୍ରମୁଖଙ୍କ ଦ୍ୱାରା ବିଗ୍ରହ ପୂଜା ଓ ଯଜ୍ଞକର୍ମ ସମ୍ପର୍ଣ୍ଣ ହୋଇଥିଲା। ନାରାୟଣ ଲେଙ୍କା, ମନୋରଞ୍ଜନ ନାୟକ, ଅନ୍ତର୍ଯାମୀ ଦାଶ, ବସନ୍ତ କୁମାର ଦାଶ, ଅଭିମନ୍ୟୁ ସାମଲ, ଶିବ ପ୍ରସାଦ ନାୟକ ଓ ସରୋଜ ବେହେରା ପ୍ରମୁଖ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

# ଫରୱାର୍ଡ ବ୍ଲକ ପ୍ରାର୍ଥୀଙ୍କ ମାରାଥନ ପ୍ରଚାର



ନିଜ ସମର୍ଥକଙ୍କ ସହ ପ୍ରାର୍ଥୀ ଲକ୍ଷ୍ମୀଧର ଗିରି ପ୍ରଚାର କରୁଛନ୍ତି।

**ରୂପ୍‌ସା,୨୭।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ବିଧାନସଭା କ୍ଷେତ୍ରରେ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ (ଏଆଇଏଫ୍‌ବି)ର ବିଧାୟକ ପ୍ରାର୍ଥୀ ଲକ୍ଷ୍ମୀଧର ଗିରି ଶନିବାର ବିଭିନ୍ନ ପଞ୍ଚାୟତରେ ମାରାଥନ ପ୍ରଚାର କରିଛନ୍ତି। ସେ ପ୍ରଥମଥର ପାଇଁ ଚଳିତ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ବିଧାନସଭା କ୍ଷେତ୍ରର ସାମଗ୍ରିକ ବିକାଶ ଦିଗରେ ନିଜକୁ ସମର୍ପିତ କରିଥିବାରୁ ତାଙ୍କୁ ଭୋଟ ଦେବା ପାଇଁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି ଆସନରେ ଭାଜପା, ବିଜେଡି ଓ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ହେଉଥିବା ବେଳେ ସୁଭାଷ ବୋଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରାର୍ଥୀ ଲକ୍ଷ୍ମୀଧର ଚାଷୀ, ଯୁବକ ଓ ମହିଳା ଭୋଟରଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ସେ ବିଜୟୀ ହେଲେ ବେକାରି ସମସ୍ୟା ହଟାଇବା ସହ ଚାଷୀ ଓ ମହିଳାଙ୍କ ବିକାଶ ଦିଗରେ କାର୍ଯ୍ୟଧାରା ବଜାୟ ରଖିବେ ବୋଲି ପ୍ରଚାର ବେଳେ ପ୍ରତିଶ୍ରୁତି ଦେଉଛନ୍ତି। ପ୍ରାର୍ଥୀ ଗିରିଙ୍କ ଘର ବସ୍ତା ବ୍ଲକ ରାଉତପଡ଼ା ପଞ୍ଚାୟତରେ। ଛାତ୍ର ଜୀବନରୁ ସେ ରାଜନୀତିରେ ପାଦ ଦେଇ ବିଭିନ୍ନ ସଙ୍ଗଠନ ସହ ଜଡ଼ିତ ଅଛନ୍ତି। ବିର୍ଲା ଟାୟାର୍ସରେ ଚାକିରି କରି ଜଣେ ଶ୍ରମିକନେତା ଭାବେ ସେ ପ୍ରତିଷ୍ଠା ଅର୍ଜନ କରିଛନ୍ତି।

# ମିଳିମିଶି କାମ କରିବାକୁ ନିଷ୍ପତ୍ତି



ବୈଠକରେ ବିଧାୟକ ପ୍ରାର୍ଥୀଙ୍କ ସହ ଭାଜପାର ପୂର୍ବତନ ଜିଲା ସମ୍ପାଦକ ଅକ୍ଷୟ ଧିନ୍ଦା।

**ଖଇରା, ୨୭।୪(ଡି.ଏନ.ଏ.)**

ସିମୁଳିଆ ନିର୍ବାଚନ ମଣ୍ଡଳୀର ଭାଜପା ଛାଡି ବିଜେଡିରେ ଯୋଗ ଦେଇଥିବା ଟାଣୁଆ ନେତା ଶଶି କୁମାର ସାହୁ ୧ ମାସର ନୀରବତା ପରେ ପ୍ରଚାରର ଶେଷ ହେବାର ଗୋଟିଏ ଦିନ ପୂର୍ବରୁ ମୁହଁ ଖୋଲିଛନ୍ତି। ଶୁକ୍ରବାର ତାଙ୍କ ସମର୍ଥକଙ୍କ ଏକ ବୈଠକ ସୋରଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶଶି ସାହୁଙ୍କ ସହ ରାଜ୍ୟ ଶ୍ରମନିଯୁକ୍ତି ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଉପସ୍ଥିତିରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଆଲୋଚନା ଶେଷରେ ସାହୁ ଉପସ୍ଥିତ ଥିବା ସିମୁଳିଆ ଖଇରା ବ୍ଲକର ୫୯ ପଞ୍ଚାୟତର ୧୫୦ରୁ ଊର୍ଦ୍ଧ୍ୱ ସମର୍ଥକ କାର୍ଯ୍ୟକର୍ତ୍ତାଙ୍କୁ ବିଜେଡି କର୍ମୀଙ୍କ ସହିତ ମିଶି କାର୍ଯ୍ୟ କରିବାକୁ କହିଥିଲେ। ଏ ସମ୍ପର୍କରେ ଶଶି ସାହୁ କହିଛନ୍ତି ଯେ, ଜିଲା ସଭାପତି ରବୀନ୍ଦ୍ର ଜେନାଙ୍କ ଅନୁରୋଧ ଏବଂ ମନ୍ତ୍ରୀ ସୁଶାନ୍ତ ସିଂ ସହ ଆଲୋଚନା ପରେ ସମସ୍ତ ମାନ ଅଭିମାନ ଭଙ୍ଗ ହୋଇଛି। ୨ ବ୍ଲକରୁ ଉପସ୍ଥିତ ଥିବା ୧୫୦ କାର୍ଯ୍ୟକର୍ତ୍ତାଙ୍କୁ ମିଳିମିଶି କାମ କରିବାକୁ ଜଣାଇ ଦେଇଛି। ତାଙ୍କର ଏଭଳି ବୈଠକ ଓ ଘୋଷଣା ପରେ ସମର୍ଥକମାନେ ଶନିବାରଠାରୁ ପୁରୁଣା ବିଜେଡି କର୍ମୀଙ୍କ ସହ ମିଶି ମାରାଥନ ପ୍ରଚାର ଆରମ୍ଭ କରିଛନ୍ତି । ସୁଣ୍ଡିରା ପଞ୍ଚାୟତ ଅଣ୍ଡାଇଲୋଠାରେ ପୂର୍ବତନ ଜିଲା ସମ୍ପାଦକ ଅକ୍ଷୟ କୁମାର ଧିନ୍ଦା ବିଧାୟକ ପ୍ରାର୍ଥୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସହ ଏକ ପଥପ୍ରାନ୍ତ ସଭାରେ ଯୋଗଦେଇ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବାକୁ ଅନୁରୋଧ କରିଥିଲେ।

# ନିର୍ବାଚନୀ ହିଂସା, ଥାନାରେ ମାମଲା

**ସଜନାଗଡ଼,୨୭।୪(ଡି.ଏନ.ଏ.)**

ନୀଳଗିରି ଥାନା ସନ୍ତରାଗଡ଼ିଆ ଅଞ୍ଚଳର ନିମ୍ନଗଡ଼ିଆ ଗ୍ରାମରେ ଏକ ଦଳ ପକ୍ଷରୁ ପ୍ରଚାର କରାଯାଉଥିବା ବେଳେ ସେହି ଅଞ୍ଚଳର ଅନ୍ୟ ଏକ ଦଳର କର୍ମୀମାନେ ଆକ୍ରମଣ କରିଥିବା ଶନିବାର ନୀଳଗିରି ଥାନାରେ ଅଭିଯୋଗ ହୋଇଛି। ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ ବଜାରରେ ଭାଜପା ତରଫରୁ ମୁକୁନ୍ଦପୁର ଗ୍ରାମର ରାଧାଗୋବିନ୍ଦ କର ଶୁକ୍ରବାର ଈଶ୍ୱରପୁର ଆଡ଼କୁ ପ୍ରଚାର ଗାଡ଼ି ନେଇ ଯାଉଥିଲେ। ତରତୁଆ ଗ୍ରାମରେ ପ୍ରଚାର ସାରି ନିମ୍ନଗଡ଼ିଆ ଗ୍ରାମରେ ପ୍ରଚାର କରୁଥିବା ବେଳେ ଅମିତ ବଳିଆର ସିଂ ଓ ଭୁଆ ବିଶ୍ୱାଳ ପ୍ରଚାର ଗାଡ଼ି ନିକଟକୁ ଆସି ତାଙ୍କୁ ବାରଣ କରିଥିଲେ। ପରେ ଭୁଆ ଗାଡ଼ି ମଧ୍ୟରୁ ତା'ର ଛିଣ୍ଡାଇ ଦେବା ସହ ଧମକ ଚମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏଥିରେ ରାଧାଗୋବିନ୍ଦ ଭୟଭୀତ ହୋଇ ସେଠାରୁ ପଳାଇ ଆସିଥିଲେ। ରାତି ପ୍ରାୟ ୯ଟା ବେଳେ ରାଧାଗୋବିନ୍ଦ ସନ୍ତରାଗଡ଼ିଆ ବଜାରରୁ ମାର୍କେଟିଂ ସାରି ଘରକୁ ଫେରୁଥିବା ବେଳେ କଲେଜ ସମ୍ମୁଖରେ ଜିଲାପରିଷଦ ଶୁଭେନ୍ଦୁ ଶେଖର ଜେନା, ଗୌରାଙ୍ଗ ପରିଡ଼ା, ପ୍ରଶାନ୍ତ ଦାସ, ବିଜୟ ପ୍ରଧାନ ତାଙ୍କୁ ଅଟକାଇ ମାଡ ମାରିଥିଲେ। ତାଙ୍କ ପକେଟ୍‌ରୁ ତାଙ୍କ ମୋବାଇଲ ଏବଂ ଥିବା ଟଙ୍କାକୁ ମଧ୍ୟ ଛଡ଼ାଇ ନେଇଥିବା ଅଭିଯୋଗରେ ଦର୍ଶାଯାଇଛି।

# ଶେଷଦିନରେ ଜମିଲା ପ୍ରଚାର

**ରୂପ୍‌ସା, ୨୭।୪(ବାଞ୍ଛାନିଧି ଦେ)**

ବାଲେଶ୍ୱର ଲୋକ ସଭା ଆସନ ଅଧୀନ ବସ୍ତା ବିଧାନସଭା କ୍ଷେତ୍ରରେ ପ୍ରମୁଖ ଦଳର ପ୍ରାର୍ଥୀ ପରସ୍ପରକୁ କଡ଼ା ଟକ୍କର ଦେଇ ଶନିବାର ପ୍ରଚାର ଶେଷ କରିଛନ୍ତି। ସବୁ ପ୍ରାର୍ଥୀ ଭୋଟରଙ୍କୁ ଭେଟିବା ସହ ବିଭିନ୍ନ ପ୍ରତିଶ୍ରୁତି ରଖି ରାଜନୈତିକ ଦୃଶ୍ୟପଟକୁ ଭିନ୍ନ ରୂପ ଦେଇଛି। ଏହି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭାଜପା ପ୍ରାର୍ଥୀ ରଘୁନାଥ ମହାନ୍ତି, ବିଜେଡି ପ୍ରାର୍ଥୀ ନିତ୍ୟାନନ୍ଦ ସାହୁ, କଂଗ୍ରେସରୁ ବାଲିଆପାଳ ବ୍ଲକ ଚେୟାରମ୍ୟାନ ବିଜନ କୁମାର ନାୟକ, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ(ଏଆଇଏଫ୍‌ବି)ର ପ୍ରାର୍ଥୀ ଲକ୍ଷ୍ମୀଧର ଗିରି, ଆମ୍ ଆଦମୀର ସରୋଜ କୁମାର ରାଉଳ ଓ ତୃଣମୂଳ କଂଗ୍ରେସର ନନ୍ଦନ ପାଲଙ୍କ ସମେତ ୧୦ଜଣ ପ୍ରାର୍ଥୀ ଏଥର ନିର୍ବାଚନରେ ଭାଗ୍ୟ ପରୀକ୍ଷା କରୁଛନ୍ତି। ଦଳ ବଦଳ ରାଜନୀତି ବିଭିନ୍ନ ଦଳ ପାଇଁ ଗୋଳିଆ ସ୍ଥିତି ସୃଷ୍ଟି କରିଛି। ପ୍ରମୁଖ ଦଳର ପ୍ରାର୍ଥୀ ସେମାନଙ୍କ ସପକ୍ଷରେ ଜନମତ ରହିଥିବା ଦାବି କରୁଥିବା ବେଳେ ବାସ୍ତବ ଚିତ୍ର ଅସ୍ପଷ୍ଟ ରହିଛି ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।

ଶନିବାର ପ୍ରଚାର ବେଳେ ସବୁ ପ୍ରାର୍ଥୀ ଭୋଟରଙ୍କୁ ଭେଟିବା ପାଇଁ ନିଜ ନିଜର ରଣନୀତି ନେଇ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ। ସଭା, ଶୋଭାଯାତ୍ରା ଓ ରାଲି ମଧ୍ୟରେ ରାଜନୈତିକ ଉଷ୍ମତା ବାରିହୋଇ ପଡିଥିଲା। ବସ୍ତା ବିଧାନସଭା କ୍ଷେତ୍ର ଅଧୀନରେ ବାଲିଆପାଳ ବ୍ଲକର ୨୮ ଓ ବସ୍ତା ବ୍ଲକର ୧୭ ପଞ୍ଚାୟତ ରହିଛି। ଗତ ପଞ୍ଚାୟତ ନିର୍ବାଚନରେ ବାଲିଆପାଳ ବ୍ଲକକୁ କଂଗ୍ରେସ ଏବଂ ବସ୍ତା ବ୍ଲକକୁ ବିଜେଡି ଦଖଲ କରିଥିଲା। ଏହାକୁ ମାପକାଠି କରି ଅଧିକାଂଶ ଦଳ ଭୋଟରଙ୍କୁ ମନାଇବା ପାଇଁ କଳକୌଶଳ ପ୍ରୟୋଗ ଚର୍ଚ୍ଚାରେ ଥିଲା। ଦଳ ବଦଳ କରିଥିବା ନେତାଙ୍କ ସ୍ଥିତି ଅଧିକ ଚର୍ଚ୍ଚା ସୃଷ୍ଟି କରିଥିଲା। ପ୍ରଧାନମନ୍ତ୍ରୀ ଗତ ୨୩ ତାରିଖରେ ବସ୍ତା ନିର୍ବାଚନୀ ସଭାରେ ଯୋଗଦେବା ପରେ କର୍ମୀମାନେ ତତ୍ପରତା ପ୍ରକାଶ କରିଥିଲେ। ବିଭିନ୍ନ ଦଳରେ ଲାଗି ରହିଥିବା ଗୋଷ୍ଠୀକନ୍ଦଳ ଉଭୟ ନେତା ଓ କର୍ମୀଙ୍କ ଚିନ୍ତା ବଢ଼ାଇଥିଲା। ଆସନ୍ତା ୨୯ ତାରିଖ ନିର୍ବାଚନରେ ଭୋଟର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ।

क्षेत्रीय शिक्षा संस्थान, भुवनेश्वर
**REGIONAL INSTITUTE OF EDUCATION, BHUBANESWAR**
एन सी ई आर टी NCERT (National Council of Educational Research and Training)
Sachivalaya Marg, Bhubaneswar-751022

**Admission Notice 2019-2020**

Advt. No.357 Date :26.04.2019

The Regional Institute of Education (NCERT), Bhubaneswar will offer the following courses for the academic session 2019-2020.

**(1) Four-year B.Sc.B.Ed.**
**(2) Four-year B.A.B.Ed.**
**(3) Two-year B.Ed.**
**(4) Two-year M.Ed.**
**(5) M.Phil. in Education**

For admission to above courses online applications are invited from eligible applicants and RIE, Bhopal is the Nodal Centre for this admission. For details please visit the website **www.cee.ncert.gov.in**. For queries, if any, please contact 0755-2661467 or 0755-2661468 and email ID at **cee2019help@gmail.com**.

For admission to course (5) i.e. M.Phil. in Education, a separate notice will be issued soon by RIE, Bhubaneswar. The details will be available on our websites **www.riebbs.ac.in** & **www.riebbs.ori.nic.in**.

**PRINCIPAL**



**ସଂକ୍ଷେପରେ**

## ବିଶ୍ୱ ଶ୍ରମିକ ଦିବସ ପାଳନ ପାଇଁ ପ୍ରସ୍ତୁତି

ବାଲେଶ୍ୱର ଅଫିସ, ୨୭।୪: ପ୍ରତିବର୍ଷ ଭଳି ଚଳିତବର୍ଷ ବିଶ୍ୱ ଶ୍ରମିକ ଦିବସ ପାଳନ ପାଇଁ ଟ୍ରେଡ୍ ୟୁନିୟନ୍ ଆସୋସିଏଶନ କୋ-ଅର୍ଡିନେଶନ କମିଟି (ଟିୟୁଏସିସି)ର କାର୍ଯ୍ୟକାରୀ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଟିୟୁଏସିସିର ଅଧକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି।

ମେ' ପହିଲା ଶ୍ରମିକ ଦିବସକୁ ସ୍ୱାଗତ ଜଣାଇ ଏପ୍ରିଲ ୩୦ ତାରିଖ ସନ୍ଧ୍ୟାରେ ଗୋଲାପୋଖରୀ ଛକରୁ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବ। ଶ୍ରମିକ ଦିବସରେ ବିଚାରଗଞ୍ଜ ଛକରେ ଶ୍ରମିକ ଦିବସର ଲାଲ୍ ପତାକା ଉତ୍ତୋଳନ କରାଯିବ ଓ ବିଭିନ୍ନ କଳକାରଖାନା, ପ୍ରତିଷ୍ଠାନ ଓ ଶ୍ରମିକ ସଂଘ ଅଫିସ ସମ୍ମୁଖରେ ପତାକା ଉତ୍ତୋଳନ କରାଯିବ। ଉକ୍ତ ଦିନ ଅପରାହ୍ନ ୫ଟାରେ ବାଲେଶ୍ୱର ରେଳଷ୍ଟେଶନରୁ ଶ୍ରମିକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବ ଓ ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ସମ୍ମୁଖରେ ଶ୍ରମିକ ସମାବେଶ ଅନୁଷ୍ଠିତ ହେବ। ଏହି ସମାବେଶରେ ରାଜ୍ୟ ତଥା ଦେଶର ସାମ୍ପ୍ରତିକ ଶ୍ରମିକ ସମସ୍ୟା ଏବଂ ସମାଧାନ ସମ୍ପର୍କରେ ଅତିଥି ଓ ବକ୍ତାମାନେ ସେମାନଙ୍କ ମତ ଦେବେ। ଆସନ୍ତା ୨୯ ତାରିଖ ସନ୍ଧ୍ୟାରେ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ସମସ୍ତ ସଂଘର ପ୍ରତିନିଧିମାନେ ଯୋଗଦେବାକୁ ଟିୟୁଏସିସି ତରଫରୁ ଅନୁରୋଧ କରାଯାଇଛି। ସାଧାରଣ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ଚଳିତବର୍ଷ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଶ୍ୱ ଶ୍ରମିକ ଦିବସ ପାଳନର ଅଧିକ ଗୁରୁତ୍ୱ ରହିଛି ବୋଲି କହିଥିଲେ। ବିଭିନ୍ନ ଶ୍ରମିକ ସଙ୍ଗଠନ ତରଫରୁ ରାଧାରମଣ ଷଡ଼ଙ୍ଗୀ, ଭାଗବତ ପ୍ରତିହାରୀ, ଶାନ୍ତନୁ ଦାସ, ଶ୍ୟାମସୁନ୍ଦର ଜେନା, ଯଶୋଦା ନନ୍ଦନ ଆସ୍, ଅରୁଣ ଜେନା, ଶରତଚନ୍ଦ୍ର ଦଳାଇ, ସେକ୍ ସଲାଉଦ୍ଦିନ୍, ରାଜକିଶୋର ଲେଙ୍କା, ରବୀନ୍ଦ୍ର ବେହେରା ଓ ବାସନ୍ତୀ ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

## ରୋଡ୍ ଶୋରେ ନିରଞ୍ଜନଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ

ଭଣ୍ଡାରିପୋଖରୀ, ୨୭।୪ (ଡି.ଏନ.ଏ.): - ନିର୍ବାଚନୀ ପ୍ରଚାରର ଶେଷଦିନରେ ଶନିବାର କଂଗ୍ରେସ ପକ୍ଷରୁ ଆୟୋଜିତ ରୋଡ୍ ଶୋରେ ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକଙ୍କ ଅନୁପସ୍ଥିତିକୁ ନେଇ କର୍ମୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଦଳୀୟ କର୍ମୀମାନେ ବ୍ଲକର ମଞ୍ଜୁରୀଠାରୁ ବାଇକ୍ ଶୋଭଯାତ୍ରାରେ ବାହାରି ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ। କୌଣସି କାରଣରୁ ନିରଞ୍ଜନ ରୋଡ୍ ଶୋରେ ଯୋଗ ଦେଇପାରି ନ ଥିଲେ। ଏହାକୁ ନେଇ ଅଧିକାଂଶ କର୍ମୀ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ନିରଞ୍ଜନ ପ୍ରାର୍ଥୀ ହୋଇ ପ୍ରଚାର ବେଳେ ଅନୁପସ୍ଥିତ ରହିବାକୁ ଭୋଟରଙ୍କ ସମେତ ଅନେକ କର୍ମୀ ସମାଲୋଚନା କରିଛନ୍ତି। ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ନେତା ସୁବ୍ରତ ଦାସଙ୍କ ନେତୃତ୍ୱରେ ବାଇକ୍ ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳୀୟ କର୍ମୀ ଓ ଜୋନ୍ ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

# ସମୁଦ୍ର ତଟରେ ମୁକୁଳା ପଡ଼ିଛି ୱାଚ୍ ଟାୱାର

- ଉପକୂଳ ସୁରକ୍ଷା ଢିଲା
- ଜଗିବା ପାଇଁ ନାହାନ୍ତି କର୍ମଚାରୀ

ବାସୁଦେବପୁର, ୨୭।୪ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବଙ୍ଗୋପସାଗର ସଂଲଗ୍ନ ଥିବା ଏକ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ। ଏହି ବ୍ଲକର ୩୬ ପଞ୍ଚାୟତ ଓ ପୌରପାଳିକାର ୨୩ ୱାର୍ଡ। ସେଥିମଧ୍ୟରୁ ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଓ ପୌରପାଳିକାର ୨ ୱାର୍ଡ ସିଧାସଳଖ ବଙ୍ଗୋପସାଗରକୁ ଛୁଇଁଛି। ଧାମରାର ବୈତରଣୀ ମୁହାଣଠାରୁ ଚୂଡ଼ାମଣି ବନ୍ଦର ମୁହାଣ ଓ କାଂଶବାଂଶ ନଦୀର ପଟ୍ଟୁଆଁ ଜେଟି ମୁହାଣ ପର୍ଯ୍ୟନ୍ତ ସମୁଦ୍ର କୂଳବର୍ତ୍ତୀ ପଞ୍ଚାୟତଗୁଡ଼ିକର ସୁରକ୍ଷା ଅତ୍ୟନ୍ତ ଆବଶ୍ୟକ। ଜଳପଥରେ ଆତଙ୍କବାଦୀଙ୍କ ପ୍ରବେଶ ଓ ଆକ୍ରମଣର ଭୟ ତଟବର୍ତ୍ତୀ ଲୋକଙ୍କ ମନକୁ ସବୁବେଳେ ଆନ୍ଦୋଳିତ କରୁଛି। ତଟବର୍ତ୍ତୀ ଅଞ୍ଚଳର ସୁରକ୍ଷା ଓ ଜଳପଥରେ ଆପରାଧିକ କାର୍ଯ୍ୟକଳାପକୁ ହ୍ରାସ କରିବା ଉଦ୍ଦେଶ୍ୟରେ ସମୁଦ୍ର ତଟରେ ଚୂଡ଼ାମଣି ଓ କଷିଆଠାରେ ନିର୍ମାଣ କରାଯାଇଥିବା ୱାଚ୍ ଟାୱାର ଦୀର୍ଘବର୍ଷ ଧରି ମୁକୁଳା ପଡ଼ିଛି। ଏହି ୱାଚ୍ ଟାୱାରରେ ଜଗିବା ପାଇଁ କୌଣସି ଯନ୍ତ୍ର କିମ୍ବା କର୍ମଚାରୀ ନାହାନ୍ତି। ୱାଚ୍ ଟାୱାରରେ ଏବେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଅସାମାଜିକ ଯୁବକମାନେ ନିରୋଳା ସ୍ଥାନ ପାଇ ଏଠାରେ ଆଡ୍ଡା ଜମାଉଛନ୍ତି। ସେମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟ ସହିତ ନିଶା ସେବନ କରୁଥିବା ଅଭିଯୋଗ ହେଉଛି। ଫଳରେ ଉପକୂଳ ଲୋକଙ୍କ ସୁରକ୍ଷା ପାଇଁ ନିର୍ମିତ ୱାଚ୍ ଟାୱାର ତା'ର ପ୍ରକୃତ ଲକ୍ଷ୍ୟ ଓ ଉଦ୍ଦେଶ୍ୟଠାରୁ ଦୂରେଇ ଯାଇଛି। ଉପକୂଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ଢିଲା ହୋଇପଡ଼ିଛି।


ଚୂଡ଼ାମଣି ଘାଟସ୍ଥିତ ୱାଚ୍ ଟାୱାର।

ଜଳପଥରେ ଅପରାଧ ରୋକିବା ଓ ତଟବର୍ତ୍ତୀ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ବାସୁଦେବପୁରରେ ଚୂଡ଼ାମଣି ଓ କଷିଆଠାରେ ସାମୁଦ୍ରିକ ଥାନା ପ୍ରତିଷ୍ଠା କରାଯାଇଥିବା ବେଳେ ତାହା ଉପରେ ଲୋକଙ୍କର ଭରସା ରହୁନି। ଏହି ଦୁଇ ଥାନା ନାମକୁ ମାତ୍ର ଚାଲିଛି। କଷିଆ ସାମୁଦ୍ରିକ ଥାନାର ସ୍ଥାୟୀ ଘର ନିର୍ମାଣ ହୋଇପାରି ନାହିଁ। ଅସ୍ଥାୟୀ ଭାବେ ଗତ ୩ ବର୍ଷ ଧରି ଏକ ଅର୍ଦ୍ଧଭଗ୍ନ ରେଡକ୍ରସ ଘରେ ଏହି ସାମୁଦ୍ରିକ ଥାନା କଷିଆ ସମୁଦ୍ର ତଟରେ ଚାଲୁଛି। ଆବଶ୍ୟକ ସଂଖ୍ୟକ କର୍ମଚାରୀ ଓ ଆନୁଷଙ୍ଗିକ ଅସ୍ତ୍ରଶସ୍ତ୍ର ମଧ୍ୟ ଏହି ଥାନାକୁ ଯୋଗାଇ ଦିଆଯାଉ ନାହିଁ। ଚୂଡ଼ାମଣି ସାମୁଦ୍ରିକ ଥାନାର ମଧ୍ୟ ଅନୁରୂପ ଅବସ୍ଥା। କର୍ମଚାରୀ ଅଭାବ ସହ ଏହି ଦୁଇ ଥାନାରେ ପାୱାରବୋଟ ନ ଥିବାରୁ ସମୁଦ୍ରରେ ପାଟ୍ରୋଲିଂ କରାଯାଇପାରୁ ନାହିଁ। ଫଳରେ ଜଳପଥରେ ଆପରାଧିକ କାର୍ଯ୍ୟକଳାପ ବଢିବାରେ ଲାଗିଛି। ଏଭଳି ସ୍ଥିତିରେ ଚୂଡ଼ାମଣି ଓ କଷିଆ ସମୁଦ୍ର କୂଳରେ ୱାଚ୍ ଟାୱାର ମୁକୁଳା ପଡ଼ିଥିବାରୁ ତଟବର୍ତ୍ତୀ ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି ବୋଲି ସାମାଜିକ କର୍ମୀ ଚିନ୍ତାମଣି ଦାସ ମତପ୍ରକାଶ କରିଛନ୍ତି। ଏଥିସହ ତୁରନ୍ତ ଏଠାରେ ୱାଚ୍‌ଟାୱାର କର୍ମଚାରୀ ନିଯୁକ୍ତି ସକାଶେ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଚୂଡ଼ାମଣି ଟ୍ରଲର ମାଲିକ ସଂଘ ସଭାପତି ଶଶିକାନ୍ତ ନାୟକ ୱାଚ୍ ଟାୱାରକୁ କ୍ରିୟାଶୀଳ କରିବା ସହ ସାମୁଦ୍ରିକ ଥାନା ପୋଲିସକୁ ଅଧିକ ସତର୍କ ଓ ସଜାଗ କରାଗଲେ ଉପକୂଳବର୍ତ୍ତୀ ଲୋକଙ୍କ ମନରୁ ଭୟ ଦୂର ହେବ ବୋଲି କହିଛନ୍ତି।

## ବରଫକଳରୁ ଆମୋନିଆ ଗ୍ୟାସ୍ ଲିକ୍

ଚାନ୍ଦବାଲି, ୨୭।୪ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମରା ମତ୍ସ୍ୟପୋତାଶ୍ରୟ ଅଧୀନରେ ଥିବା ଏକ ଘରୋଇ ବରଫ କଳରୁ ଶନିବାର ସନ୍ଧ୍ୟାରେ ଆମୋନିଆ ଗ୍ୟାସ୍ ଲିକ୍ ହୋଇଥିବା ସୂଚନା ମିଳିଛି। ଏହା ଧାମରା ବଜାର ଓ ଗାଁକୁ ବ୍ୟାପିଥିବା ନେଇ କେତେକ ସ୍ଥାନୀୟ ଲୋକେ ପ୍ରକାଶ କରିଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଧାମରା ବଜାରରେ ଅଧିକାଂଶ ଦୋକାନ ବନ୍ଦ ହୋଇଯାଇଥିଲା। ନିଃଶ୍ୱାସ ନେବାରେ କଷ୍ଟ ହେବା ଆଶଙ୍କାରେ ସ୍ଥାନୀୟ ଲୋକେ ଘରୁ ବାହାରି ଖୋଲାସ୍ଥାନକୁ ଚାଲିଯାଇଥିଲେ। ଖବର ପାଇ ଧାମରା ପୋଲିସ ଓ ଅଗ୍ନିଶମ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ୍‌ର ଭାଲ୍‌ଭ ବନ୍ଦ କରିଦେଇଥିଲେ। ଗ୍ୟାସ୍ ଲିକ୍ ହେବାର ପ୍ରାୟ ୧ ଘଣ୍ଟା ମଧ୍ୟରେ ଏହାକୁ ନିୟନ୍ତ୍ରଣ କରାଯାଇଥିଲା। କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାଯାଇଛି। ସୂଚନା ଅନୁସାରେ, ଧାମରା ବଜାର ଓ ଜାଗୁଲା ଗାଁ ମଧ୍ୟରେ ଜନବସତି ନିକଟରେ ରହିଛି ଏହି ବରଫ କଳ। ଶନିବାର ସନ୍ଧ୍ୟାରେ ବରଫ କଳର ଆମୋନିଆ ଗ୍ୟାସ୍ ଟାଙ୍କିର ଭାଲ୍‌ଭ କୌଣସି କାରଣରୁ ଫାଟି ଯାଇଥିଲା। ଫଳରେ ଗ୍ୟାସ୍ ଟାଙ୍କି ବାହାରକୁ ବାହାରି ଆସିଥିଲା।

# ରାଜରାସ୍ତାରେ ନବନିର୍ମାଣ କୃଷକ ସଙ୍ଗଠନର ପ୍ରତିବାଦ

- ପୋଲିଂ କର୍ମଚାରୀଙ୍କୁ ଅଟକାଇବା ଉଦ୍ୟମ ବିଫଳ

ଭଦ୍ରକ ଅଫିସ, ୨୭।୪

ଭଦ୍ରକ କଲେଜ ମୁଖ୍ୟ ଫାଟକ ସମ୍ମୁଖ ରାଜରାସ୍ତାରେ ଶନିବାର ପୂର୍ବାହ୍ନରେ ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା ବସି ଓ ଶୋଇ ନିର୍ବାଚନର ପ୍ରତିବାଦ କରିଥିଲେ। କଲେଜରୁ ଇଭିଏମ୍ ଓ ଭିଭିପିଏଟି ମେଶିନ ନେଇ ନିର୍ବାଚନ ପାଇଁ ବାହାରୁଥିବା ପୋଲିଂ କର୍ମଚାରୀଙ୍କୁ ରାସ୍ତାରେ ଅଟକାଇବା ଲାଗି ସେମାନଙ୍କ ଉଦ୍ୟମ ବିଫଳ ହୋଇଛି। ଭଦ୍ରକ ଟାଉନ ଥାନା ପୋଲିସ ପହଞ୍ଚି ସଙ୍ଗଠନର ପ୍ରାୟ ୧୫ ଜଣଙ୍କୁ ଗିରଫ କରି ପରେ ଛାଡ଼ି ଦେଇଥିବା ଜଣାଯାଇଛି।

ଜମିକୁ ପାଣି ନାହିଁ, ଚାଷୀଙ୍କୁ ଉପଯୁକ୍ତ ପ୍ରାପ୍ୟ ମିଳୁ ନ ଥିବାବେଳେ ନିର୍ବାଚନ ଏକ ପ୍ରହସନ ବୋଲି କୃଷକ ସଙ୍ଗଠନ କର୍ମକର୍ତ୍ତା କହିଥିଲେ। ଗଣତନ୍ତ୍ର ନାମରେ ଚାଲିଥିବା ମିଥ୍ୟା ଏବଂ ପ୍ରହସନକୁ ଏହି ସଙ୍ଗଠନ ଦୃଢ଼ ବିରୋଧ ପୂର୍ବକ ଭଦ୍ରକ କଲେଜ ଇଭିଏମ୍ ବାଣ୍ଟିବା ସ୍ଥାନ ନିକଟରେ କର୍ମକର୍ତ୍ତା ଧାରଣା ଦେଇଥିଲେ। ସ୍ୱାଧୀନ ମତବ୍ୟକ୍ତ କରିବାର ଅଧିକାର, ହକ୍ ହାସଲ ପାଇଁ ଆନ୍ଦୋଳନ କରିବାର ଅଧିକାର, ବଞ୍ଚିବା


ରାସ୍ତାରେ ଶୋଇ ପ୍ରତିବାଦ କରୁଥିବା କୃଷକ ସଂଘ କର୍ମକର୍ତ୍ତାଙ୍କୁ ପୋଲିସ ଉଠାଇ ନେଉଛି।

ପାଇଁ ସର୍ବନିମ୍ନ ମୌଳିକ ସୁବିଧା ହାସଲ କରିବାର ଅଧିକାରକୁ ଚାଷୀମାନଙ୍କଠାରୁ ଛଡ଼ାଇ ନିଆଯାଇଛି। ନିଜକୁ ଶାସକ ବୋଲାଉଥିବା ନେତାମାନେ ଚାଷୀଙ୍କୁ ଶୋଷଣ କରିଥିବା ସେମାନେ ଅଭିଯୋଗ କରିଥିଲେ। ସଙ୍ଗଠନର ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ ଦାବିକୁ ସରକାର ଶୁଣିବାକୁ ନାରାଜ। ଏଣୁ ସେମାନେ ଏହାର ପ୍ରତିବାଦ କରି ଅସନ୍ତୋଷ ଜାହିର କରିଥିଲେ। ସଙ୍ଗଠନ ପକ୍ଷରୁ ଦୁର୍ଗାପ୍ରସନ୍ନ ବାରିକ, ତ୍ରିଲୋଚନ ପଣ୍ଡା, ସତ୍ୟରଞ୍ଜନ ନାୟକ, ସୁକାନ୍ତ ସାହୁ, ଶରତ ବେହେରା, ଆର୍ତ୍ତତ୍ରାଣ ତିୱାରୀ, ରବୀନ୍ଦ୍ର ପଣ୍ଡା, ବିବେକାନନ୍ଦ ଜେନା, ଗଗନ ପାଗଳ, ଚକ୍ରଧର ଦତ୍ତ, ଜୟନ୍ତ ଦାସ, ଚକ୍ରଧର ପରିଡ଼ା, ଦେବେନ୍ଦ୍ର ବାରିକ, ନାରାୟଣ ଯେନା, ବୀରେନ୍ଦ୍ର ଦତ୍ତ, ସୁଦର୍ଶନ ଯେନା, ପ୍ରଦୀପ୍ତ କିଶୋର ବାରିକ, ମାୟାଧର ଦାସ, ହରି ବେହେରା, କୈଳାସ ଚନ୍ଦ୍ର ଖାମୁରାଇ, ମୁରଲୀଧର ପାଳ ପ୍ରମୁଖ ଧାରଣାର ନେତୃତ୍ୱ ନେଇଥିଲେ।

## ଦିନକ ପରେ ଭୋଟ

# ମଇଦାନରେ ୪୬ ପ୍ରତିଦ୍ୱନ୍ଦ୍ୱୀ

ଭଦ୍ରକ ଅଫିସ, ୨୭।୪

ଦିନକ ପରେ ୪ର୍ଥ ପର୍ଯ୍ୟାୟ ନିର୍ବାଚନ। ଏଥର ଭଦ୍ରକ ଜିଲାରେ ୪୬ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରେ ଭଦ୍ରକ ଲୋକ ସଭା ଆସନ ପାଇଁ ୮ ଓ ୫ ବିଧାନସଭା କ୍ଷେତ୍ର ଲାଗି ୩୮ ପ୍ରାର୍ଥୀ ମଇଦାନରେ ଅଛନ୍ତି। ଜିଲାରେ ମୋଟ ୧୨୯୨ ବୁଥ୍‌ରେ ୧୨ ଲକ୍ଷ ୨୩୦ ଭୋଟର ମତଦାନ ପ୍ରକ୍ରିୟାରେ ସାମିଲ ହେବେ। ସେମାନଙ୍କ ମଧ୍ୟରୁ ୬ ଲକ୍ଷ ୨୪ ହଜାର ୩୨୨ ପୁରୁଷ, ୫ ଲକ୍ଷ ୭୫ ହଜାର ୮୧୦ ମହିଳା ଓ ୯୮ ଜଣ ଅନ୍ୟାନ୍ୟ ଭୋଟର ଥିବା ସୂଚନା ମିଳିଛି।

# ବିଜେଡିର ନିର୍ବାଚନୀ ସଭା

ଭଣ୍ଡାରିପୋଖରୀ, ୨୭।୪ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ବର୍ୟାଁବନାପୁର ପଞ୍ଚାୟତର ଚନ୍ଦ୍ରଭାନୁପୁର ପଡ଼ିଆଠାରେ ବିଜେଡିର ନିର୍ବାଚନୀ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ ଦଳୀୟ କର୍ମୀଙ୍କ ସହ ୧୬ ନମ୍ବର ଜାତୀୟ ରାଜପଥର ବିଷ୍ଣୁପୁର ଛକଠାରୁ ବାଇକ୍ ଶୋଭାଯାତ୍ରାରେ ବାହାରି ବାରିକପୁର, ଧାମନଗର ଛକ, ଭଣ୍ଡାରିପୋଖରୀ ବଜାର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀଧର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ, ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପୂର୍ବତନ ବିଧାୟକ ରଥ ଦାସ, ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ସୁଧାକର ନନ୍ଦ, ରଘୁନାଥ ପଣ୍ଡା, ଯୁଧିଷ୍ଠିର ପରିଡା, ଶରତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ୪ର୍ଥ ପର୍ଯ୍ୟାୟ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ ଓ ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳଙ୍କୁ ଭୋଟ ଦେଇ ଜିତାଇବାକୁ ନିବେଦନ କରିଥିଲେ। ସଭାରେ ବିଧାୟକ ପାତ୍ର କଂଗ୍ରେସ ପ୍ରାର୍ଥୀଙ୍କୁ ସମାଲୋଚନା କରି କହିଥିଲେ, ଯିଏ ନିଜ ମାଟିର ହେଲାନି ସେ କାହାରି ନୁହେଁ। ନିଜ ବିବେକକୁ ପଚାରି ମତଦାନ କରନ୍ତୁ ବୋଲି ସେ ଜନସାଧାରଣଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଗନ ସେଠୀ, ପ୍ରଣିତକାନ୍ତ ସାମଲ, ରଞ୍ଜିତା ପାଢ଼ୀ, ବୀରେନ୍ଦ୍ର ନାୟକ ଓ ଲଳିତ ରାଉତ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ।


ନିର୍ବାଚନୀ ସଭାରେ ବିଜେଡି କର୍ମକର୍ତ୍ତା।

# ଶେଷଦିନରେ ୩ ପ୍ରମୁଖ ଦଳର ପ୍ରଚାର ଜୋର୍‌ଦାର


ସିପିଏମ୍ ଓ କଂଗ୍ରେସର ମିଳିତ ବାଇକ୍ ରାଲି।

ବନ୍ତ, ୨୭।୪ (ସ୍ୱ.ପ୍ର.)

ଶନିବାର ଶେଷ ଦିନରେ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରଚାର ଜୋର୍‌ଦାର କରାଯାଇଛି। ୩ ଦଳ ପକ୍ଷରୁ ବାଇକ୍ ରାଲି ଓ ରୋଡ୍ ଶୋ କରାଯାଇଥିଲା। କଂଗ୍ରେସ ପକ୍ଷରୁ ଅଣିଜୋଷ୍ଠିତ ସିନ୍ଧୁକେଶ୍ୱର ପୀଠରୁ ବିଶାଳ ବାଇକ୍ ରାଲି ବାହାରିଥିବା ବେଳେ ଆଗରପଡ଼ା ସିଟି ସ୍କୁଲ ଛକରୁ ଭାଜପାର ବିଧାୟକ ପ୍ରାର୍ଥୀ ବଦ୍ରିନାରାୟଣ ଧଳ ବାଇକ୍ ରାଲିରେ ଜୋନ୍ ପରିକ୍ରମା କରିଥିଲେ। ସେହିପରି ବିଜେଡି କର୍ମୀମାନେ ସ୍ୱତନ୍ତ୍ର ଭାବେ ନିଜ ନିଜ ପଞ୍ଚାୟତରେ ବାଇକ୍ ରାଲି କରିଥିବା ଦେଖାଯାଇଥିଲା।

# ବିଜେଡି ପ୍ରାର୍ଥୀଙ୍କ ବାଇକ୍ ରାଲି

ଭଦ୍ରକ ଅଫିସ/ ଚାନ୍ଦବାଲି, ୨୭।୪(ଡି.ଏନ.ଏ.)

ଶେଷ ଦିନରେ ଶନିବାର ବିଜେଡି ପ୍ରାର୍ଥୀଙ୍କ ପ୍ରଚାର ଜୋର୍‌ଦାର ହୋଇଛି। ଭଦ୍ରକ ବିଧାନସଭା ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ ଓ ଲୋକ ସଭା ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ପୌରାଞ୍ଚଳରେ ୩ ହଜାର ସମର୍ଥକଙ୍କୁ ନେଇ ବାଇକ୍ ରାଲି ଓ ରୋଡ୍ ଶୋ କରିଥିଲେ। ବିଜେଡି ପ୍ରଚାର ଗୀତରେ ସାରା ସହର ଦୁଲୁକିଥିଲା। ଶେଷଦିନ ହୋଇଥିବାରୁ ଏହି ୨ ପ୍ରାର୍ଥୀ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ନିଜର ସମର୍ଥକଙ୍କ ସହ ପ୍ରଚାର କରିଥିଲେ। କ୍ଷମତାକୁ ଆସିଲେ ୩ ମାସ ମଧ୍ୟରେ ଭଦ୍ରକକୁ ସ୍ମାର୍ଟସହର, ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଓ ଅନ୍ୟାନ୍ୟ ବିକାଶମୂଳକ ଯୋଜନା କରି ଦେଖାଇବେ ବୋଲି ୨ ପ୍ରାର୍ଥୀ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଚାନ୍ଦବାଲି ବିଧାୟକ ପ୍ରାର୍ଥୀ ବ୍ୟୋମକେଶ ରାୟ ଚାନ୍ଦବାଲିରୁ ନିର୍ବାଚନମଣ୍ଡଳୀର ସୀମା ପୀରହାଟବିନ୍ଧା ପର୍ଯ୍ୟନ୍ତ ବାଇକ୍ ରାଲି କରିଥିଲେ। ଏଥିରେ ବହୁସଂଖ୍ୟକ ଦଳୀୟ କର୍ମୀ ଓ ସମର୍ଥକ ସାମିଲ ଥିଲେ। ଦଳୀୟ କର୍ମୀଙ୍କ ଶୋଭାଯାତ୍ରାରେ ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଉପସ୍ଥିତ ରହି ପ୍ରଚାର କରିଥିଲେ।


ଭଦ୍ରକରେ ବିଜେଡି ପ୍ରାର୍ଥୀଙ୍କ ରୋଡ୍ ଶୋ ଚାଲିଛି।

## ଶେଷଦିନରେ ବି ମିଶ୍ରଣ ପର୍ବ

ଖଇରା, ୨୭।୪(ଡି.ଏନ.ଏ.)

ଶନିବାର ପ୍ରଚାରର ଶେଷ ଦିନରେ ଖଇରା ବ୍ଲକ ସୁଣ୍ଡିରା ଓ ନନ୍ଦୁର ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସୁଣ୍ଡିରାଠାରେ ବିଜେଡି ପ୍ରାର୍ଥୀ ଜ୍ୟୋତି ପାଣିଗ୍ରାହୀଙ୍କ ପଥପ୍ରାନ୍ତ ସଭାରେ ବିଭିନ୍ନ ତୁଙ୍ଗ ନେତା ମାନସ ଭଞ୍ଜ, ଅକ୍ଷୟ ଧିନ୍ଦାଙ୍କ ସହିତ ତାଙ୍କର ଶତାଧିକ ସମର୍ଥକ ବିଭିନ୍ନ ଦଳ ଛାଡି ବିଜେଡିରେ ଯୋଗଦାନ କରିଥିଲେ। ସଭାରେ ସରପଞ୍ଚ ଅଞ୍ଜନ କୁମାର ସେଠୀ, ପୂର୍ବତନ ସରପଞ୍ଚ ମଧୁସୂଦନ ଦାସ, ଲକ୍ଷ୍ମୀଧର ପଣ୍ଡା, ଶୁକଦେବ ପଣ୍ଡା, ସମୀର ରାୟ ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି ନନ୍ଦୁର ପଞ୍ଚାୟତରେ ବିଜେଡି ସାଧାରଣ ସମ୍ପାଦକ ପ୍ରହଲ୍ଲାଦ ପତିଙ୍କ ନେତୃତ୍ୱରେ ରୁଢିଙ୍ଗିଆ ଗ୍ରାମର ନିରଞ୍ଜନ ବରାଳ, ମହେନ୍ଦ୍ର ବରାଳ, ଜଗତ ରାଉତ ପ୍ରମୁଖ ଭାଜପା ଛାଡି ବିଜେଡିରେ ଯୋଗଦାନ କରିଛନ୍ତି।

# ବିଧାୟକ ପ୍ରାର୍ଥୀଙ୍କ ରୋଡ୍ ଶୋରେ ସିନେତାରକା


ରୋଡ୍ ଶୋରେ ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ସହ ଏଲିନା ସାମନ୍ତରାୟ ପ୍ରଚାର କରୁଛନ୍ତି।

ବାସୁଦେବପୁର/ପଦ୍ମପୁର, ୨୭।୪ (ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁରରେ ବିଜେଡି ପକ୍ଷରୁ ଶନିବାର ରୋଡ୍ ଶୋ ଓ ବାଇକ୍ ଶୋଭାଯାତ୍ରା କରାଯାଇଛି। ପ୍ରଚାରର ଶେଷଦିନରେ ୩ ହଜାରରୁ ଊର୍ଦ୍ଧ୍ୱ ବାଇକ୍ ରାଲି ସହିତ ରୋଡ୍ ଶୋ ବାଲିନଗର ଯାଦବ ପଡ଼ିଆରୁ ବାହାରିଥିଲା। ରୋଡ୍ ଶୋରେ ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟଙ୍କ ସହିତ ସିନେ ଅଭିନେତା ସମ୍ଭିତ ଆଚାର୍ଯ୍ୟ, ଅଭିନେତ୍ରୀ ଏଲିନା ସାମନ୍ତରାୟ ଓ ରିୟା ଦେ ପ୍ରମୁଖ ସାମିଲ ହୋଇ ପ୍ରଚାର କରିଥିଲେ। ରୋଡ୍ ଶୋ ପୌରାଞ୍ଚଳର ବିଭିନ୍ନ ୱାର୍ଡ ସହ ୩୬ ପଞ୍ଚାୟତ ପରିକ୍ରମା କରିଥିଲା। ବିଦେଇପୁରଠାରେ ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ, ବିଜେଡି ଜିଲା ପର୍ଯ୍ୟବେକ୍ଷକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ବିଷ୍ଣୁବ୍ରତ ସୁଦର୍ଶନପୁର ପଞ୍ଚାୟତରୁ ଏକ ଖୋଲା ଜିପ୍‌ରେ ନିଜର ସମର୍ଥକଙ୍କ ସହିତ ଜଗନ୍ନାଥପୁର, କୁମାରପୁର, ଆର୍ଡୁଂ, ପଦୁଆଁ, ଅଡୁଆଁ, ଇରମ, ନୂଆଗାଁ, ଚୂଡ଼ାମଣି, ଶାଶୁଭୁଆଶୁଣୀ, କିସ୍‌ମତକୃଷ୍ଣପୁର, ସାନକୃଷ୍ଣପୁର, ବିରସ, ବିଦେଇପୁର, ନାୟକାଣିଡିହୀ ଦେଇ କରଞ୍ଜଆଡ଼ିଆ ପଞ୍ଚାୟତରେ ରୋଡ୍ ଶୋ କରି ଭୋଟ ପାଇଁ ନିବେଦନ କରିଥିଲେ। ତାଙ୍କ ସହ ଜିଲା ଉପସଭାପତି ଦେବଦର୍ଶନ ଦାସ, ବ୍ଲକ ଯୁବ ବିଜେଡି ସଭାପତି ଅସିତ କୁମାର ଦାସ, ଛାତ୍ର ବିଜେଡି ସଭାପତି କାଳନ୍ଦୀ ସାହୁ ପ୍ରମୁଖ ପ୍ରଚାରରେ ସାମିଲ ଥିଲେ। ଏହି ଅବସରରେ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ବିଭିନ୍ନ ପଞ୍ଚାୟତରେ ସମ୍ବର୍ଦ୍ଧନା ଦିଆଯାଇଥିଲା।



